

୧୯ ବର୍ଷ ● ୪ର୍ଥ ସଂଖ୍ୟା ● ଅକ୍ଟୋବର ୨୦୧୮ (ପୂଜା ସ୍ୱତନ୍ତ୍ର)

**ବାତାୟନ:** ପ୍ରେମର ଚଉହଦି
**ପ୍ରଥମ ପ୍ରସଙ୍ଗ:** ପ୍ରେମ, ପରିଣୟ ଓ ପରାକାଷ୍ଠା
**ଭୁବନେଶ୍ୱର ସ୍ୱତନ୍ତ୍ର:** ଆମ ଭୁବନେଶ୍ୱର
**ଆଳାପ:** ଦୀୟା ଔର ବାତି ହମ୍- ଦୀପିକା ସିଂହ
**କାଳଜୟୀ:** କୁନ୍ତଳାକୁମାରୀ ସାବତ
**ସାହିତ୍ୟ :** ୮ଟି ମନନଶୀଳ ଗଳ୍ପ, ୬ଟି କବିତା
**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ବାତାୟନ : ପ୍ରେମର ଚୌହଦି

ପ୍ରିୟ ପାଠକ, 'କାଦମ୍ବିନୀ'ର ବାତାୟନ ପୃଷ୍ଠାରେ ମଣିଷର ସଂପର୍କକୁ ନେଇ ସହମତି ଭିତ୍ତିରେ ପ୍ରାପ୍ତବୟସ୍କ ସମଲିଙ୍ଗୀ ସମ୍ପର୍କ ସ୍ଥାପନ ଉପରେ ଆଲୋକପାତ କରିବାକୁ ଗଲାବେଳେ ଇଚ୍ଛା କରିଥିଲି ଏହିଭଳି ଏକ ବିଶେଷ ସଂପର୍କକୁ ନେଇ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ମତାମତ ଜାଣିବା ପାଇଁ। ପଚାରିଥିଲି ମଧ୍ୟ କିଛି ସାହିତ୍ୟିକ, ମନସ୍ତତ୍ତ୍ୱବିତ୍, ସମାଜସେବୀ, ଡାକ୍ତର, ପୁରୁଷ ସମଲିଙ୍ଗୀ, ତୃତୀୟଲିଙ୍ଗୀ ଓ ଓକିଲଙ୍କୁ ସେମାନଙ୍କ ମତାମତ ବିଷୟରେ। କେବଳ ସେତିକି ନୁହେଁ, ଏହି ଐତିହାସିକ ରାୟ ମିଳିବାର ପୃଷ୍ଠପୋଷକତା କରିଥିବା ଦିଲ୍ଲୀସ୍ଥିତ ନାଜ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଞ୍ଜଳୀ ଗୋପାଲନ୍‌ଙ୍କଠାରୁ ମଧ୍ୟ ତାଙ୍କ ଫାଉଣ୍ଡେସନ୍‌ର ସଂଘର୍ଷ, ଆଭିମୁଖ୍ୟ ତଥା ଆଗାମୀଦିନର ଲକ୍ଷ୍ୟ ବିଷୟରେ ପଚାରି ତାଙ୍କ ମତାମତ ଲୋଡ଼ିଥିଲି। ସେ ମଧ୍ୟ ମୋର ଅନୁରୋଧ ରକ୍ଷାକରି ନିଜର ବ୍ୟସ୍ତତା ମଧ୍ୟରୁ ସମୟ ବାହାର କରି ଦେଇଥିଲେ ନିଜର ମତାମତ। ସେହିସବୁ ମତାମତ ଏଠାରେ ବାତାୟନ ପୃଷ୍ଠାରେ ଆପଣମାନଙ୍କ ପାଇଁ। ପ୍ରକାଶିତ ମତାମତ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ନିଜସ୍ୱ।

## ପ୍ରଥମ ପ୍ରସଙ୍ଗ : ପ୍ରେମ, ପରିଣୟ ଓ ପରାକାଷ୍ଠା

ଯେଉଁମାନେ ଉତ୍ତମ କୁଳର ନାରୀ, ସେମାନେ ଜୀବନ ରାସ୍ତାରେ ଚାଲୁଚାଲୁ ତାଙ୍କ ଚଲାପଥରେ ଯେତେବଡ଼ ସଂକଟ ଆସିଲେ ମଧ୍ୟ ହଠାତ୍ ବିଚଳିତ ହୋଇ ପଡ଼ନ୍ତି ନାହିଁ ସେମାନେ। ବରଂ ସ୍ଥିର ମସ୍ତିଷ୍କରେ ରହି ଧୈର୍ଯ୍ୟ ଓ ସାହସର ସହିତ ସେସବୁକୁ ସାମ୍ନା କରି ସେଥିରୁ ନିଜକୁ ରକ୍ଷା କରିପାରିବାର ଉପାୟ ବାହାର କରିପାରନ୍ତି। ଆଉ ଏଭଳି କରିବା ଦ୍ୱାରା ସେମାନେ ସତ୍ୟ ଓ ସ୍ୱର୍ଗ ଉଭୟ ଉପରେ ବିଜୟ ଲାଭ କରିପାରନ୍ତି। ଶ୍ରେଷ୍ଠ ନାରୀ ଭାବରେ ପରିଗଣିତ ହୁଅନ୍ତି ସେମାନେ।

## ଆଳାପ : ଦୀୟା ଔର ବାତି ହମ୍ - ଦୀପିକା ସିଂହ

୨୦୧୧ରୁ ୨୦୧୬ ଯାଏ ଦୀର୍ଘ ପାଞ୍ଚବର୍ଷଧରି ଷ୍ଟାର୍ ପ୍ଲସରେ ପ୍ରସାରିତ 'ଦୀୟା ଔର୍ ବାତି ହମ୍' ଏକ ଉଲ୍ଲେଖନୀୟ ମେଗା ଧାରାବାହିକ। ଏହି ଧାରାବାହିକର ବୋହୂ ସନ୍ଧ୍ୟା ରାଠୀ ଭୂମିକାରେ ଅଭିନୟ କରି ଯିଏ ଦର୍ଶକଙ୍କ ନିକଟରେ ଅତି ଲୋକପ୍ରିୟ ହୋଇପାରିଥିଲେ; ସେ ହେଉଛନ୍ତି ଅଭିନେତ୍ରୀ ଦୀପିକା ସିଂହ। ତାଙ୍କର ନିଖୁଣ ଅଭିନୟ ତାଙ୍କୁ ଅପାର ସଫଳତା ଦେଇଥିଲା। ଜାତୀୟ ଟେଲି ଜଗତର ଏହି ଲୋକପ୍ରିୟ ନାୟିକାଜଣଙ୍କ ନିକଟରେ ସପରିବାର ଓଡ଼ିଶା ଭ୍ରମଣରେ ଆସିଥିବାବେଳେ ଓଡ଼ିଶାର ଗର୍ବ ଓ ଗୌରବ 'କିଟ୍' ଓ 'କିସ୍' ବିଶ୍ୱବିଦ୍ୟାଳୟ ମଧ୍ୟ ବୁଲିଥିଲେ। 'କିଟ୍' ଓ 'କିସ୍' ବୁଲି ସେ ଅଭିଭୂତ ହୋଇଥିଲେ। ତାଙ୍କ ସହ ପରିଚୟ ହେବାପରେ 'କାଦମ୍ବିନୀ'ର ପ୍ରଚ୍ଛଦପଟରେ ଆସିବା ପାଇଁ ମୁଁ ତାଙ୍କୁ ପ୍ରସ୍ତାବ ଦିଅନ୍ତେ, ସେ ଆନନ୍ଦରେ ତାହା ଗ୍ରହଣ କରିଥିଲେ। ବେଶ୍ ଅମାୟିକ ବ୍ୟବହାର ତାଙ୍କର। ପ୍ରଚ୍ଛଦପଟ ଚିତ୍ର ଉତ୍ତୋଳନ ସମୟରେ ଅଭିନେତ୍ରୀ ଦୀପିକା ସିଂହଙ୍କ ସହ ମୋର ଏହି ସାକ୍ଷାତକାର 'କାଦମ୍ବିନୀ'ର ପ୍ରିୟ ପାଠକମାନଙ୍କ ନିମନ୍ତେ। ସାକ୍ଷାତ ଓ ଉପସ୍ଥାପନା: ଇତି ସାମନ୍ତ

## ଭୁବନେଶ୍ୱର ସ୍ୱତନ୍ତ୍ର:

## ଆମ ଭୁବନେଶ୍ୱର

### ଲେଖକ : ହରେକୃଷ୍ଣ ଶତପଥୀ

ଏଠାରେ ମହର୍ଷି ବ୍ୟାସ ପ୍ରସିଦ୍ଧ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ଏବଂ ଏହାର ଅଧିଷ୍ଠାତା ଦେବତା ଲିଙ୍ଗରାଜ ବା ତ୍ରିଭୁବନେଶଲିଙ୍ଗ ବିଷୟରେ ସୂଚନା ଦେଇଥିବାରୁ ଆଜିର ଭୁବନେଶ୍ୱରର ଅସ୍ତିତ୍ୱ ଆଜକୁ ପ୍ରାୟ ଅନେକ ବର୍ଷ ତଳୁ ଥିବାର ଜଣାଯାଏ। ସ୍କନ୍ଦ ପୁରାଣ ରଚନାର ନିର୍ଦ୍ଦିଷ୍ଟ ସମୟ ସଠିକ୍ ଭାବରେ କୁହାଯାଇ ପାରିବ ନାହିଁ। ସେହିଭଳି ମହର୍ଷି ବ୍ୟାସଙ୍କର ମଧ୍ୟ। ମହାଭାରତ, ବ୍ରହ୍ମସୂତ୍ର ଓ ଅଷ୍ଟାଦଶ ପୁରାଣର କର୍ତ୍ତା ହେଉଛନ୍ତି କୃଷ୍ଣଦ୍ୱୈପାୟନ ବ୍ୟାସ। ସେ ଜଣେ ଭାରତବର୍ଷର ଅତ୍ୟନ୍ତ ପ୍ରାଚୀନ କବି ଏଥିରେ ସନ୍ଦେହ ନାହିଁ।

## ଗଣତନ୍ତ୍ରର ମନ୍ଦିର ବିଧାନସଭା

### ଲେଖକ: ପ୍ରଦୋଷ ପଟ୍ଟନାୟକ

୧୯୬୦ ଜୁନ୍ ପହିଲାରେ ରାଜ୍ୟ ସଚିବାଳୟର ଉତ୍ତରପାର୍ଶ୍ୱବର୍ତ୍ତୀ ପଡ଼ିଆରେ ନୂତନ ବିଧାନସୌଧର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସେହି ପଡ଼ିଆର ପୂର୍ବପଟେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମରେ 'ଗାନ୍ଧୀ ମେମୋରିଆଲ ପାର୍କ' ରହିଥିଲା। ଏହି ପାର୍କଟି ଥିଲା ସେତେବେଳେ

ନୂତନ ରାଜଧାନୀ ବାସିନ୍ଦାଙ୍କ ପାଇଁ ମନୋରଞ୍ଜନର ଏକମାତ୍ର ଖୋରାକ୍। ମାତ୍ର ୧୯୬୧ ଫେବୃଆରୀ ମାସରେ ବିଧାନସୌଧର ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ପାର୍କଟି ବନ୍ଦ ହୋଇଗଲା ଏବଂ ଏହା ବିଧାନସଭା ଭବନର ହତାରେ ପରିଣତ ହେଲା। ଏହି ହତା ମଧ୍ୟରେ ମହାତ୍ମାଜୀଙ୍କ ପ୍ରତିମୂର୍ତ୍ତି ରହିବା ସାଙ୍ଗକୁ ସ୍ୱତନ୍ତ୍ର ଉତ୍କଳର ମୁଖ୍ୟ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରହିଛି। ଉଲ୍ଲେଖନୀୟ ବିଷୟ ହେଉଛି ଯେ, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧଦିବସରେ ଏହି ପ୍ରତିମୂର୍ତ୍ତି ନିକଟରେ ହିଁ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆୟୋଜିତ ହୋଇଥାଏ ଏବଂ ପ୍ରତିବର୍ଷ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଅନ୍ୟ ଗଣ୍ୟମାନ୍ୟ ଅତିଥିମାନେ ଏଥିରେ ଯୋଗ ଦେଇଥାନ୍ତି। ଏହାଛଡ଼ା ୧୯୪୮ ଅପ୍ରେଲ୍ ୧୩ ତାରିଖ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଭୁବନେଶ୍ୱରଠାରେ ଓଡ଼ିଶାର ରାଜଧାନୀ ପାଇଁ ଯେଉଁ ଭିତ୍ତିପ୍ରସ୍ତର ପକାଇ ଥିଲେ, ସେହି ଶିଳାନ୍ୟାସ ଫଳକଟିକୁ ମଧ ବିଧାନସୌଧ ପାଚେରିର ପୂର୍ବପାର୍ଶ୍ୱରେ ରଖାଯାଇଛି।

### ଭୁବନେଶ୍ୱର ପ୍ରତିନିଧିତ୍ୱର ଇତିହାସ

**ଲେଖକ: ଅମିତାଭ ଖିଲାର**

ଓଡ଼ିଶାର ରାଜ୍ୟ ରାଜନୀତିର ମୂକସାକ୍ଷୀ ରାଜଧାନୀ ଭୁବନେଶ୍ୱର। ଅତୀତରୁ ଆଜିଯାଏ ରାଜଧାନୀ ଭୁବନେଶ୍ୱର ଓଡ଼ିଶା ଭୂଖଣ୍ଡର ବହୁ ରାଜନୈତିକ ଘଟଣାବଳୀର ସାକ୍ଷୀ ହୋଇ ରହିଛି। ବହୁ ରାଜନୈତିକ ଶକ୍ତିଙ୍କୁ ଗଢ଼ିବା, ଭାଙ୍ଗିବା, ଉଠିବା, ପଡ଼ିବା ଏଇ ରାଜଧାନୀ ଦେଖିଆସିଛି।

### ଆମ ରାଜଭବନ

**ଲେଖକ: ଅରୁଣ କୁମାର ମହାନ୍ତି**

ଓଡ଼ିଶାର ତିନି ପ୍ରମୁଖ ସହର ପୁରୀ, କଟକ ଓ ଭୁବନେଶ୍ୱରରେ ଅବସ୍ଥିତ ତିନି ରାଜଭବନ। ୧୯୧୩-୧୪ରେ ପୁରୀଠାରେ ନିର୍ମିତ ଗଭର୍ଣ୍ଣମେଣ୍ଟ୍ ହାଉସ୍ ତତ୍କାଳୀନ ବିହାର ଓ ଓଡ଼ିଶା ପ୍ରଦେଶର ରାଜ୍ୟପାଳଙ୍କର ଗ୍ରୀଷ୍ମନିବାସ ଥିଲା। ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରଠାରୁ ୧୯୪୨ ପର୍ଯ୍ୟନ୍ତ ଏହା ଓଡ଼ିଶା ପ୍ରଦେଶର ରାଜ୍ୟପାଳଙ୍କ ନିବାସରେ ପରିଣତ ହୋଇଥିଲା। ଏବେ ପୁରୀ ଗସ୍ତ ସମୟରେ ରାଜ୍ୟପାଳ ମହୋଦୟ ଏଠାରେ ଅବସ୍ଥାନ କରନ୍ତି। ୧୬୩୩ରେ ନିର୍ମିତ କଟକର ଲାଲବାଗ୍ କୋଠା ୧୯୪୨ରୁ ୧୯୬୦ ପର୍ଯ୍ୟନ୍ତ ଓଡ଼ିଶାର ରାଜଭବନ ରୂପେ କାର୍ଯ୍ୟ କରିଥିଲା। ଏବେ ଏହା ଶିଶୁଭବନ ରୂପେ ପରିଚିତ। ଭୁବନେଶ୍ୱରଠାରେ ନବନିର୍ମିତ ରାଜଭବନରେ ୧୯୬୦ ମସିହା ପରଠାରୁ ମହାମହିମ ରାଜ୍ୟପାଳ ଅବସ୍ଥାନ କରିଆସୁଛନ୍ତି।

### ମନ୍ଦିରମାଳିନୀ ଭୁବନେଶ୍ୱର

**ଲେଖକ: ରମେଶ ଚନ୍ଦ୍ର ପାଣି**

କଥିତ ଅଛି ଯେ, ଏକଦା ଏଠାରେ ୭୦୦ ରୁ ଊର୍ଦ୍ଧ୍ୱ ସଂଖ୍ୟକ ମନ୍ଦିର ଥିଲା । କିନ୍ତୁ ଆଜି ଏତେ ସଂଖ୍ୟକ ମନ୍ଦିର ପରିଦୃଷ୍ଟ ନ ହେଲେ ମଧ ପ୍ରାୟ ଏକ ହଜାର ବର୍ଷ ଧରି ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛି ଅନେକ କାରୁକାର୍ଯ୍ୟମୟ ମାଳମାଳ ମନ୍ଦିର। ଯାହା ପାଇଁ ଭାରତର ମନ୍ଦିରମାଳିନୀ ନଗରୀ ଭାବେ ଅନେକ ପ୍ରତିଷ୍ଠା ପାଇଛି ଭୁବନେଶ୍ୱର...ଅତୁଲ୍ୟ ଭାରତର ଆତ୍ମା।

### ଓଡ଼ିଶା ରାଜ୍ୟ ସଂଗ୍ରହାଳୟ

**ଲେଖିକା: ଜୟନ୍ତୀ ରଥ**

ପ୍ରତ୍ନତତ୍ତ୍ୱ ବିଭାଗ: ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀଠାରୁ ଆରମ୍ଭକରି ମଧ୍ୟଯୁଗୀୟ ପ୍ରତ୍ନତାତ୍ତ୍ୱିକ ମୂର୍ତ୍ତିସମୂହ ତଥା ପୁରାତନ କଳା ଭାସ୍କର୍ଯ୍ୟ ଏହି ପ୍ରତ୍ନତତ୍ତ୍ୱ ବିଭାଗରେ ସ୍ଥାନ ପାଇଛି, ଯଥା ବୌଦ୍ଧ, ଜୈନ କୀର୍ତ୍ତିରାଜି ସହ ଶୈବ, ଶାକ୍ତ ଓ ବ୍ରାହ୍ମଣ୍ୟ ଧର୍ମର ଅନନ୍ୟ କୀର୍ତ୍ତିରାଜି; ଅନେକ ବିରଳ ମୂର୍ତ୍ତି ମଧ୍ୟରୁ ଅଶୋକ ସ୍ତମ୍ଭର ଭଗ୍ନାବଶେଷ, ପ୍ରକାଣ୍ଡ ବୁଦ୍ଧ ବିଗ୍ରହ, ବିଶାଳକାୟ ଅମୋଘସିଦ୍ଧି, ଆକର୍ଷଣୀୟ ଅବଲୋକିତେଶ୍ୱର, ସପ୍ତମାତୃକା ବିଗ୍ରହ, ବୋଇତରେ ହସ୍ତୀ ରପ୍ତାନୀ, ଅସାଧାରଣ ଚାମୁଣ୍ଡା ମୂର୍ତ୍ତି ଏବଂ ଷଡ଼ାନନ ବିଶିଷ୍ଟ କାର୍ତ୍ତିକେୟ ମୂର୍ତ୍ତିସମୂହକୁ ଦେଖିଲେ ମନେହୁଏ, ଯେମିତି ଏଗୁଡ଼ିକ କେବଳ ମୂର୍ତ୍ତି ନୁହନ୍ତି, ଏକ ଜାତିର ଧର୍ମ, ସଂସ୍କୃତି, ରାଜନୀତିର ଚିତ୍ର, ସଂଗୀତ, ସ୍ଥାପତ୍ୟ ଓ ଇତିହାସର ସ୍ମାରକୀ, ଏକ ଜାତିର ସୃଜନଶୀଳତାର ପରିପ୍ରକାଶ।

### ଜ୍ଞାନ ଓ ଗବେଷଣାର ଅନ୍ତର୍ଭୂଶାଳ: ଓଡ଼ିଶା ରାଜ୍ୟ ଅଭିଲେଖାଗାର

**ଲେଖିକା: ସୁଚିସ୍ମିତା ମନ୍ତ୍ରୀ**

ଓଡ଼ିଶା ରାଜ୍ୟ ଅଭିଲେଖାଗାର ପ୍ରାଚୀନ ଦୁଷ୍ପ୍ରାପ୍ୟ ନଥିପତ୍ରର ଗନ୍ତାଘର। ଏହା ରାଜ୍ୟର ଏକମାତ୍ର ସରକାରୀ ଅନୁଷ୍ଠାନ, ଯାହାକି ପୁରାତନ ନଥିପତ୍ର, ଦଲିଲ୍ ଦସ୍ତାବିଜ୍, ଫଟୋ ଓ ମାନଚିତ୍ର, ବ୍ୟକ୍ତିଗତ ନଥିପତ୍ର, ସନନ୍ଦ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରୀତିନୀତି ସମ୍ବନ୍ଧୀୟ ତଥ୍ୟ, ବ୍ରିଟିଶ୍ ଶାସନ ସମୟର ତଥ୍ୟ ଓ ସୂଚନା ସହିତ ନୂତନ ଆଇନ୍ ପ୍ରଣୟନ, ବ୍ରିଟିଶ ସରକାରଙ୍କ ସମୟରେ ପ୍ରଣୋଦିତ ବିଭିନ୍ନ ରିପୋର୍ଟ ଇତ୍ୟାଦି ଏଠାରେ ଗଚ୍ଛିତ ରହିଛି । ଅଭିଲେଖାଗାରରେ ଗଚ୍ଛିତ ସମସ୍ତ ତଥ୍ୟ ଓ ପୁସ୍ତକ ପ୍ରଶାସନିକ, ଐତିହାସିକ ଓ ଗବେଷକମାନଙ୍କ ଗବେଷଣା ନିମନ୍ତେ ଉଦ୍ଦିଷ୍ଟ । ଏହିସବୁ ବିରଳ ଦୁଷ୍ପ୍ରାପ୍ୟ ପ୍ରାଚୀନ ନଥିଗୁଡ଼ିକ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରୁ ସଂଗ୍ରହ କରି ବିଭିନ୍ନ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯାଇ ଓ ଗବେଷକମାନଙ୍କ ନିମନ୍ତେ ଯୋଗାଇ ଦିଆଯାଇଥାଏ ।

## ପଠାଣିସାମନ୍ତ ପ୍ଲାନେଟୋରିୟମ

### ଲେଖକ: ଶୁଭେନ୍ଦୁ ପଟ୍ଟନାୟକ

ପ୍ଲାନେଟାରିୟମ କହିଲେ ଆମେ ସାଧାରଣତଃ ଏକ ଅର୍ଦ୍ଧ ଗୋଲାକାର ଘରକୁ ବୁଝିଥାଉ। ଏଠାରେ ତାରା, ଗ୍ରହ, ନକ୍ଷତ୍ର ତଥା ମହାକାଶ ବିଜ୍ଞାନ ବିଷୟରେ ଲୋକଙ୍କୁ ସରଳ ଭାଷାରେ ତଥ୍ୟ ପରିବେଷଣ କରାଯାଇଥାଏ। ସାଧାରଣତଃ ପ୍ଲାନେଟାରିୟମର ଡୋମ୍‌ର ଆକାର ୩ ମିଟରରୁ ୩୦ ମିଟର ପର୍ଯ୍ୟନ୍ତ ହୋଇଥାଏ ଓ ଏଗୁଡ଼ିକୁ ଆକାର ଅନୁସାରେ ଛୋଟ ଓ ବଡ଼ ଦୁଇଭାଗରେ ବିଭକ୍ତ କରାଯାଇଥାଏ। ଆଜିକାଲି ତିଆରି ହେଉଥିବା ବଡ଼ବଡ଼ ପ୍ଲାନେଟାରିୟମରେ ଏକ ସଙ୍ଗେ ୫୦୦ରୁ ଅଧିକ ଦର୍ଶକ ବସି ଏହାର ଶୋ' ଉପଭୋଗ କରିପାରୁଛନ୍ତି।

## ଆନନ୍ଦର ବନ ନନ୍ଦନକାନନ

### ଲେଖକ: ସଂଗ୍ରାମ କେଶରୀ ପୃଷ୍ଟି

ଅପରୂପ ନୈସର୍ଗିକ ଶୋଭାର ଗନ୍ତାଘର ନନ୍ଦନକାନନ ପ୍ରାଣୀଉଦ୍ୟାନ। ଯେଉଁଠି ପାଦ ଥାପିଲେ ଭିନ୍ନ ଏକ ଦୁନିଆର ଅନୁଭବ ଆପଣାଛାଏଁ ଧସେଇ ପଶେ ମନ ଭିତରେ। ଲୁପ୍ତପ୍ରାୟ ବିରଳ ଅଥଚ ଭୟଙ୍କର ଜୀବଜନ୍ତୁମାନଙ୍କୁ ଖୁବ୍ ନିକଟରୁ ଦେଖିବାର ମଜା ନିଆରା ଅନୁଭୂତି ଆଣିଦିଏ। ସେମାନଙ୍କ ଜୀବନଯାପନଶୈଳୀ ଓ ଗଠନ ପ୍ରକ୍ରିୟା କରିଦିଏ ଆତ୍ମବିଭୋର। ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ସାଙ୍ଗକୁ ସରୀସୃପ, ସ୍ତନ୍ୟପାୟୀ ପ୍ରାଣୀ ଓ ବିରଳପ୍ରଜାତିର ଉଦ୍ଭିଦମାନ ମନକୁ କରେ ପୁଲକିତ। ଉଦ୍ୟାନ ପରିସରସ୍ଥ ହ୍ରଦରେ ସ୍ୱୟଂ ବୋଟିଂ କରିବାର ନିଆରା ଆନନ୍ଦ ହିଁ ସୂଚାଇ ଦେଇଥାଏ 'ନନ୍ଦନକାନନ'ର ମହତ୍ତ୍ୱକୁ। ଏସବୁ ମଧ୍ୟରେ ଉପଲବ୍ଧି କରିହୁଏ ସର୍ବଶକ୍ତିମୟ ଈଶ୍ୱରଙ୍କ ବୈଚିତ୍ର୍ୟମୟ ସୃଷ୍ଟିକୁ।

## ଖଣ୍ଡଗିରି-ଉଦୟଗିରି-ଧଉଳି

### ଲେଖକ: ଶଶାଙ୍କ ଶେଖର ଦାଶ

ଉତ୍କର୍ଷ କଳାର ରାଜ୍ୟ ଉତ୍କଳ। ଏଠାକାର କଳା, ସଂସ୍କୃତି ଓ ଐତିହ୍ୟ ମହାନ। ମୟୁରଭଞ୍ଜରୁ ମାଲକାନଗିରି, ଜଗତସିଂହପୁରରୁ ସୁନ୍ଦରଗଡ ଯେଉଁ ସ୍ଥାନକୁ ଗଲେ ସେଠାରେ ଜଳଜଳ ହୋଇ ଦିଶେ ଉତ୍କଳର କାରୁକାର୍ଯ୍ୟ। କଥାରେ ଅଛି, ଯେଉଁ ଦେଶର ସଂସ୍କୃତି ଓ ଐତିହ୍ୟ ଯେତେ ମହାନ ସେ ଦେଶ ସେତେ ବିକଶିତ। ବୁଦ୍ଧ, ଜୈନ ଧର୍ମର ପ୍ରବର୍ତ୍ତକ ଆମେ ସାଜିଛେ। ଏଠାକାର ସଂସ୍କୃତି ପରମ୍ପରା ଓ ଐତିହ୍ୟ ଅନେକ ପରିବ୍ରାଜକଙ୍କୁ ଆକୃଷ୍ଟ କରିଛି। ସେଥିପାଇଁ ସେମାନେ ଛୁଟି ଆସିଛନ୍ତି ଏହି ଉତ୍କର୍ଷ କଳାର କ୍ଷେତ୍ରକୁ, ନିଜେ କିଛି ଜାଣିବା ପାଇଁ ଆଉ ଜିଜ୍ଞାସୁଙ୍କୁ କିଛି ଜଣାଇବା ପାଇଁ। ଓଡ଼ିଶାର ଅନେକ ଐତିହ୍ୟ ମଧ୍ୟରୁ ଖଣ୍ଡଗିରି ଓ ଉଦୟଗିରି ଜୈନ ଧର୍ମର ମୂକସାକ୍ଷୀ ପାଲଟିଛି। ଠିକ୍ ସେହିପରି ଧଉଳି ଶାନ୍ତିସ୍ତୂପ ବୌଦ୍ଧ ଧର୍ମର ପ୍ରେରଣାପ୍ରଦ ଗାଥା ଗାନ କରୁଛି। ଓଡ଼ିଶାର ଗାଥାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର କରୁଥିବା ଭୁବନେଶ୍ୱରରେ ଅବସ୍ଥିତ ତିନି ପ୍ରମୁଖ ଖଣ୍ଡଗିରି-ଉଦୟଗିରି ଓ ଧଉଳି ସଂପର୍କରେ ଆସନ୍ତୁ ଜାଣିବା।

## ଶୀକ୍ଷାତୀର୍ଥ ବାଣୀବିହାର

### ଲେଖକ: ଅସିତ ପ୍ରଧାନ

ମା' ସରସ୍ୱତୀଙ୍କୁ ଇଷ୍ଟଦେବୀ ଭାବରେ ଏହାର ମୁଖ୍ୟ ପ୍ରବେଶପଥର କେନ୍ଦ୍ରରେ ସ୍ଥାପନା କରାଯାଇଛି। ପ୍ରବେଶପଥର ଦୁଇପାର୍ଶ୍ୱରେ ଅଛନ୍ତି ଓଡ଼ିଆ ସାହିତ୍ୟର ଦୁଇ ଦୁର୍ଜୟ ରଥୀ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବ୍ୟାସକବି ଫକୀରମୋହନ ସେନାପତି। ପୂର୍ବରେ ମହାବୀର ହନୁମାନ, ପଶ୍ଚିମରେ ବିଶ୍ୱେଶ୍ୱର ଭଗବାନ ଶିବ, ମା' ତାରିଣୀ, ଜଗତରନାଥ ଜଗନ୍ନାଥ, ଉତ୍ତରରେ ଲୀଳାମୟ ଜଗନ୍ନାଥଙ୍କ ମାଉସୀ ଗୁଣ୍ଡିଚା, ଦକ୍ଷିଣରେ ସ୍ୱୟଂ ମା' ବାଗ୍‌ଦେବୀ ସରସ୍ୱତୀ ବାଣୀବିହାରକୁ ଅଭୟ ଆଶୀର୍ବାଦ ଓ ସୁରକ୍ଷା ପ୍ରଦାନ କରିଆସିଛନ୍ତି।

## ଆମ ଗର୍ବ ଓ ଗୌରବ: କିଟ୍ ଓ କିସ୍

### କାଦମ୍ବିନୀ

ଗୁଣାତ୍ମକ ଶିକ୍ଷା, ଉନ୍ନତ ମାନର ଶୈକ୍ଷିକ ପରିବେଶ ସକାଶେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜିକୁ ୨୦୦୪ ମସିହାରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଡିମ୍ଡ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଗଲା। ଏହା ସହିତ କିଟ୍, ଓଡ଼ିଶାର ପ୍ରଥମ ସର୍ବକନିଷ୍ଠ ଓ ସେଲ୍‌ଫ-ଫାଇନାନ୍‌ସ ବିଶ୍ୱବିଦ୍ୟାଳୟରେ ପରିଣତ ହେଲା। ଯେଉଁଥିପାଇଁ ଏହା ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଲା।

## ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର

### ସାର୍ଥକ ପ୍ରଧାନ

ଉଡ଼ାଜାହାଜଗୁଡ଼ିକର ଉଡ଼ାଣ ତଥା ଅବତରଣ ପାଇଁ ବିଶ୍ୱର ସମସ୍ତ ଦେଶର ଭିନ୍ନଭିନ୍ନ ବୃହତ୍ ନଗରୀଗୁଡ଼ିକରେ 'ବିମାନବନ୍ଦର' ନିର୍ମାଣ କରାଯାଇଛି। ଏହି କ୍ରମରେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ଏକ ବିମାନବନ୍ଦର ପ୍ରତିଷ୍ଠା କରାଯାଇଛି।

## କାଳଜୟୀ :

ଆଧୁନିକ ଓଡ଼ିଆ ସାହିତ୍ୟର ଅଗ୍ରଗଣ୍ୟା କବି, ଔପନ୍ୟାସିକା କୁନ୍ତଳାକୁମାରୀ ସାବତ। ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ଜନ୍ମ, ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ଇହଲୀଳା ସମ୍ବରଣ। ମାତ୍ର ୩୮ ବର୍ଷରେ ସୀମିତ ଜୀବନ। ସଂସାରରେ ସ୍ୱଚ୍ଛ ରହଣି ଭିତରେ ବି

ସମାଜସେବା, ସମାଜ ସଂସ୍କାର, ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ରଚନାରେ ଖୁନ୍ଦି ହେଇ ଯାଇଥିଲା ତାଙ୍କ ଚଞ୍ଚଳ ଆୟୁକାଳ। 'ଉଚ୍ଛ୍ୱାସ', 'ସ୍ଫୁଲିଙ୍ଗ', 'ଅଞ୍ଜଳି', 'ଅର୍ଚ୍ଚନା', 'ପ୍ରେମ ଚିନ୍ତାମଣି', 'ଓଡ଼ିଆଙ୍କ କାନ୍ଦଣା' ଆଦି କବିତା ପୁସ୍ତକ ଏହାର ଗୋଟିଏ ଗୋଟିଏ ଅନନ୍ୟ ଉଦାହରଣ। କୁନ୍ତଳାକୁମାରୀଙ୍କର ଗୋଟିଏ ଅସମ୍ପୂର୍ଣ୍ଣ ଉପନ୍ୟାସ ସହ ଛଅଟି ଉପନ୍ୟାସ ପ୍ରକାଶିତ। 'ଭ୍ରାନ୍ତି', 'ନଅତୁଣ୍ଡୀ', 'ରଘୁ ଅରକ୍ଷିତ', 'କାଳୀବୋହୂ', 'ପରଶମଣି', ଚିତ୍ରପଟ (ଅସମ୍ପୂର୍ଣ୍ଣ) ଆଦି ଉପନ୍ୟାସ ଫକୀରମୋହନୀୟ ଧାରାକୁ ଆଗକୁ ନେଇଛନ୍ତି। 'କାଦମ୍ବିନୀ'ର ପୂଜାସଂଖ୍ୟାର କାଳଜୟୀ ପୃଷ୍ଠାରେ ଆମେ ସେହି ସ୍ରାବ୍ୟା ସ୍ରଷ୍ଟାଙ୍କର କାଳଜୟୀ ଉପନ୍ୟାସ 'କାଳୀବୋହୂ'କୁ ପାଠକମାନଙ୍କୁ ପରଷି ଦେଉଛୁ। ବାଲ୍ୟବିବାହ ବିପକ୍ଷରେ, ବିଧବା ବିବାହ ସପକ୍ଷରେ ଲେଖିକାଙ୍କ ଉତ୍ତୋଳିତ ସ୍ୱର ଏହି ଉପନ୍ୟାସରେ ଆହୁରି ତୀବ୍ର ହୋଇଛି। ଧର୍ମର ଅନ୍ଧଗଳି ଭିତରେ ଅସ୍ପୃଶ୍ୟତା, ସାମାଜିକ ବୈଷମ୍ୟ ଆଦିର ଶିକୁଳିରେ ବନ୍ଧା ପଡ଼ିଥିବା ମଣିଷକୁ ମୁକ୍ତ ହେବାର ଆହ୍ୱାନ ଦିଆଯାଇଛି। ଏହି ଉପନ୍ୟାସକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ସାହିତ୍ୟିକ ବସନ୍ତ କୁମାର ପଣ୍ଡା। ଆସନ୍ତୁ ପଢ଼ିବା। - ସମ୍ପାଦିକା

## କାଳଜୟୀ: କୁନ୍ତଳାକୁମାରୀଙ୍କ ଉପନ୍ୟାସ 'କାଳୀବୋହୂ' : ପୁନର୍ବିନ୍ୟାସ

## ଲେଖକ : ବସନ୍ତ କୁମାର ପଣ୍ଡା

୮ ଫେବୃଆରୀ ୧୯୦୧ରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତର ଜିଲ୍ଲାର ଜଗଦଳପୁରଠାରେ ପିତା ଦାନିଏଲ ରାଉତ ଓ ମାତା ମନିକାଙ୍କ ଜ୍ୟେଷ୍ଠା କନ୍ୟା ଭାବରେ କୁନ୍ତଳାଙ୍କର ଜନ୍ମ। ସେମାନେ ଥିଲେ ପରିବର୍ତ୍ତିତ ଖ୍ରୀଷ୍ଟୀୟାନ୍। କୁନ୍ତଳାକୁମାରୀଙ୍କର ବାଲ୍ୟକାଳରୁ ହିଁ ପିତାଙ୍କର କର୍ମସଂସ୍ଥାନ ପାଇଁ ସେମାନେ ବର୍ମା ଚାଲିଯାଇଥିଲେ। ବର୍ମାରେ ଚଉଦବର୍ଷ ଅବସ୍ଥାନ ଭିତରେ କୁନ୍ତଳାକୁମାରୀଙ୍କର ବାଲ୍ୟ ଓ କୈଶୋର ଅତିବାହିତ ହୋଇଥିଲା। ସେଠି ଶିଖିଥିଲେ ହିନ୍ଦୀ, ବଙ୍ଗଳା ଓ ଇଂରେଜୀ। ଭକ୍ତକବିଙ୍କ 'ବର୍ଣ୍ଣବୋଧ'ରୁ ଓଡ଼ିଆ ଭାଷା ଓ ସାହିତ୍ୟର ଅୟମାରମ୍ଭ ହୋଇଥିଲା। ବର୍ମାରୁ ପ୍ରତ୍ୟାବର୍ତ୍ତନ ପରେ ଡାକ୍ତରୀ ପଢ଼ିବା ପାଇଁ କଟକ ମେଡ଼ିକାଲ ସ୍କୁଲରେ ନାମଲେଖା। ସେଠାରୁ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ସହ ଉତ୍ତୀର୍ଣ୍ଣ ହେବାପରେ କର୍ମଜୀବନର ଆରମ୍ଭ। ସ୍ୱଳ୍ପକାଳ ମଧ୍ୟରେ ଖୁବ୍ ଜନପ୍ରିୟ, ପରୋପକାରୀ, ସମାଜ ସଂସ୍କାରକ ଭାବେ ପ୍ରତିଷ୍ଠିତ। ମେଡ଼ିକାଲ ସ୍କୁଲରେ ଅଧ୍ୟୟନ କାଳରେ ଅଧ୍ୟାପକ କୈଳାସଚନ୍ଦ୍ର ରାଓଙ୍କ ସହିତ ପରିଚୟ ଓ ଆନ୍ତରିକତା। ସେ ହିଁ ଥିଲେ ତାଙ୍କର ଶିକ୍ଷକ, ଅଭିଭାବକ ଓ ପଥପ୍ରଦର୍ଶକ। ତାଙ୍କରି ପ୍ରେରଣାରେ ୧୯୨୨ରେ ପ୍ରକାଶ ପାଇଲା କୁନ୍ତଳାକୁମାରୀଙ୍କର ପ୍ରଥମ କବିତା 'ତାରାପ୍ରତି'।

## କାଳଜୟୀ: କାଳୀବୋହୂ

## ଲେଖିକା: କୁନ୍ତଳାକୁମାରୀ ସାବ

ସଞ୍ଜବେଳେ ପୋଖରୀ ହୁଡ଼ାରେ ଗାଲରେ ହାତ ଦେଇ ବସି ଭାବୁଛି, ଏ ସୁନ୍ଦରୀଟି କିଏ? ଆକାଶରେ ତାରା ଉଇଁଲେଣି, ବାରିରେ ମଲ୍ଲୀ ଫୁଟିଲେଣି, ଗଛରେ ବାଦୁଡ଼ି ଲାଗିଲେଣି, ଗୁହାଳରେ ଗୋରୁ ପଶିଲେଣି, ହଳିଆ ମୂଲିଆ କ୍ଷେତ କାମସାରି ବସାକୁ ବାହୁଡ଼ିଲେଣି, କୁଳବଧୂମାନେ ଜଳପୂର୍ଣ୍ଣ କଳସ ଘେନି ଗାଁକୁ ନେଉଟିଲେଣି, ଅଥଚ ନିଦ ଭାଙ୍ଗୁ ନାହିଁ, ଏକା ଯାର? ମାଠିଆ ମଙ୍ଗଟି ହାତରେ ଧରି, ପାଣି ତୁଠକୁ ଗୋଡ଼ ପାରି ଗାଲରେ ହାତଦେଇ ବସି ଭାବୁଛି ଏ କିଏ? ଏହାର ନୀଳେନ୍ଦିବର-ନୟନରୁ ଉଷ୍ଣ-ଅଶ୍ରୁଧାର କିପାଁ ବହୁଛି? ପାଠକ! ଏ ଜଣେ ବାଲ୍ୟବିଧବା। ଏହାର ନାମ ଲକ୍ଷ୍ମୀ।

## ଗଳ୍ପ : ସଂସାର ମଧ୍ୟରେ ଘର

## ଲେଖକ: ବିଭୂତି ପଟ୍ଟନାୟକ

ହିନ୍ଦୁ ରକ୍ଷଣଶୀଳ ସମାଜରେ 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା' ହେଲା ବିବାହର ପ୍ରଧାନ କାରଣ। ସମଲିଙ୍ଗୀ ବିବାହରେ ଯେହେତୁ ବଂଶରକ୍ଷା ପାଇଁ ପୁତ୍ର ଜନ୍ମ ସମ୍ଭବ ନୁହେଁ - ସେଥିପାଇଁ ଆମ ସମାଜରେ ସମଲିଙ୍ଗୀ ବିବାହ ଏକ ଅକ୍ଷମଣୀୟ ଅପରାଧ। ଝିଅ ଯେହେତୁ ବିବାହ ପରେ ପରଘରକୁ ଚାଲିଯିବ - ସେଥିପାଇଁ ଆମ ସମାଜରେ କନ୍ୟାଭ୍ରୁଣ ନଷ୍ଟ କରିବା ଏକ ମହାମାରୀରେ ପରିଣତ; ଯଦିଓ ଜନ୍ମ ପୂର୍ବରୁ ଗର୍ଭବତୀ ନାରୀର ଭ୍ରୁଣ ନିର୍ଣ୍ଣୟ ଏକ ଦଣ୍ଡନୀୟ ଅପରାଧ!

## ଗଳ୍ପ : ଖୁସି

## ଲେଖକ: ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ

ହଠାତ୍ ଶିଶୁଟି ହଲ୍‌ଚଲ୍ ହେବାରେ ମୁଁ ପ୍ରକୃତିସ୍ଥ ହେଲି। ଅନୁଭବ କଲି ମୋ'ର ଗୋଟିଏ ଆଙ୍ଗୁଠିକୁ ଛୁଆଟି ନିଜର କୁନି ପାପୁଲିରେ ଜାବୁଡ଼ି ଧରିଛି। ସେଇ ଗୋଟିଏ ଘଡ଼ିସନ୍ଧି ମୁହୂର୍ତ୍ତର ବନ୍ଧନରେ ଛୁଆଟିକୁ ବସ୍‌ଷ୍ଟାଣ୍ଡର ବେଞ୍ଚରେ ପରିତ୍ୟକ୍ତ କରି ଚାଲିଯିବାର ପ୍ରଶ୍ନ ଆଉ ଉଠିଲାନି।

## ଗଳ୍ପ: ସେଫ୍

## ଲେଖକ : ବିୟତ୍‌ପ୍ରଜ୍ଞା ତ୍ରିପାଠୀ

ମୁଁ ତାକୁ କାର୍ଡଟା ଦେଇ ଦେଇ, ଟିକେ ବାଥ୍‌ରୁମ୍‌ରୁ (ୱାସ୍‌ରୁମ୍) ଆସୁଚି କହି ଯାଇ ଦେଖିଲି ତଳ ମହଲାର ଲେଡ଼ିଜ ଟୟଲେଟ୍‌ଟା ଭିତରେ କେହି ଅଛନ୍ତି, ତେଣୁ ପ୍ରଥମ ମହଲା ଲେଡ଼ିଜ ୱାସ୍‌ରୁମ୍‌କୁ ଶିଡ଼ି ଚଢ଼ି ଯାଇଥିଲା ବେଳକୁ ଦେଖିଲି ଆର୍‌ନେଷ୍ଟୋ ସେଇ ୱାସ୍‌ରୁମ୍ ଆଗରେ ଠିଆ ହେଇଚି।

**ଗଳ୍ପ : ପକ୍ଷାନ୍ତର**

**ଲେଖକ : ଦେବବ୍ରତ ମଦନରାୟ**

ବାପା ଶୋଇଥିଲେ ବେଡ଼ରେ। ପରିଷ୍କାର ବିଛଣା। ସାଲାଇନ୍ ପାଇପ୍ ଲମ୍ବିଆସିଚି ବୋତଲ ଭିତରୁ। ସବୁ ସମ୍ଭାବନାକୁ ସ୍ୱୀକାର କରି ଟୋପା ଟୋପା ହୋଇ ଝରିପଡୁଚି ସାଲାଇନ୍। ପାଇପ୍ ବାଟେ ଆସି ଶିରାପ୍ରଶିରା ଭିତରେ ସଞ୍ଚରି ଯାଉଛି ସାଲାଇନ୍ ସହ ଔଷଧ। ଜୀବନ ରକ୍ଷା କରିବା ପାଇଁ ଏତିକି ବୋଧେ ଯଥେଷ୍ଟ।

**ଗଳ୍ପ : ବୋଲେ ହୁଁଟି**

**ଲେଖକ : ଅନୀଲ କୁମାର ପାଢ଼ୀ**

ସଞ୍ଜର ବଡ଼ ଡାକ୍ତରଖାନା ବଡ଼ ଭୟଙ୍କର ଦିଶୁଥିଲା। ଓ୍ୱାର୍ଡ ଭିତରେ ଅଧିକାଂଶ ବଲ୍‌ବ ଫ୍ୟୁଜ୍ ହୋଇସାରିଥିଲେ। ମାତ୍ର ଦୁଇଟି ପଙ୍ଖା ପକ୍ଷାଘାତରେ ପୀଡ଼ିତ ହୋଇ ବି ବୁଲିବାର ଉଦ୍ୟମ କରୁଥିଲେ। ଓ୍ୱାର୍ଡ ଭିତରେ ଏକ ଅଦ୍ଭୁତ ଡେଟଲମିଶା ପଚାଗନ୍ଧ ଆଧିପତ୍ୟ ବିସ୍ତାର କରିଥିଲା।

**ଗଳ୍ପ : ଭିତର କଥା**

**ଲେଖିକା : ଚିରଶ୍ରୀ ଇନ୍ଦ୍ରସିଂ**

ରାତିଟା ସାରା ବୁଢ଼ୀ ମା'ର ସୁକୁସୁକୁ କାନ୍ଦଣା ଓ ଅଭିସମ୍ପାତ ସାଙ୍ଗକୁ ସ୍ୱୀର ଘରଛାଡ଼ି ଅନ୍ୟଆଶ୍ରୟ ଖୋଜି ପଳେଇ ଯିବାକୁ ତା' ପୁଣି ବାପଘରକୁ ନୁହେଁ ବରଂ ପୁଲିସ ଥାନାକୁ ଧମକ ସାର୍‌ଙ୍କ ଭଳି ଶାନ୍ତିପ୍ରିୟ ମଣିଷର ଭୟାଳୁ ମସ୍ତିଷ୍କଟିକୁ ଖରାପ କରିଦେଇଥିଲା।

**ଗଳ୍ପ : ଦୂରନ୍ତ**

**ଲେଖକ : ନରେନ୍ଦ୍ର ସାହୁ**

ଲୋକଟା ଶେଷଦେବଙ୍କ ଆଡ଼କୁ ମୁହଁ ଘୁଞ୍ଚାଇ ଆଣିଲା। ଶେଷଦେବ ଲକ୍ଷ୍ୟକଲେ, ଗାଲସାରା ତା'ର ଅଚାଞ୍ଚା ଦାଢ଼ି, ଥୋଡ଼ି ପାଖରେ ଏକ କଟା ଦାଗ। ଆଖି ଦୁଇଟା ସାମାନ୍ୟ ଚିଲା। ବଗିର ସ୍ୱଳ୍ପ ଆଲୋକ ଓ ରାତ୍ରୀର କୁହେଳି ଭିତରେ ଅଳ୍ପଅଳ୍ପ ଭୟଙ୍କର ଦିଶୁଥିଲା ତା' ମୁହଁ।

**ଗଳ୍ପ : ଜଣେ ନାରୀବାଦୀର କାହାଣୀ**

**ଲେଖିକା : ହିରଣ୍ମୟୀ ମିଶ୍ର**

କାହିଁକି ମିଛରେ କହୁ ଯେ, "ମା' ସେ କେବେକେବେ ମତେ ଖୁବ୍ ଭଲପାଏ। ମାଡ଼ ଖାଇ ମୁଁ ଯେତେବେଳେ ପୂରା ହାଲିଆ ହେଇଯାଏ, ଚଉକି ଉପରେ ବସେଇ ନିଜ ହାତରେ ଖୁଆଏ। ଆଖିରୁ ତା'ର ଲୁହ ଝରଝର ବହିଯାଉଥାଏ। ପଶ୍ଚାତାପର ଲୁହ। ମୋ ପାଦତଳେ ମୁଣ୍ଡମାଡ଼ି ବସିରହେ ମୁଁ କଥା ନ କହିବା ଯାଏଁ।"

**କବିତା**

ଏଥର କବିତାରେ ରହିଛି: ପ୍ରତିଭା ଶତପଥୀଙ୍କ 'ଦୂରଦେଶ', ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'ସମୟ ସ୍ଥିର, ଅସମାପ୍ତ', ବନଜ ଦେବୀଙ୍କ 'ମହାବାହୁ', ପ୍ରବାସିନୀ ମହାକୁଡ଼ଙ୍କ 'କବିତାର ଘାତକ ମାୟା', ଦୁର୍ଗାପ୍ରସାଦ ପଣ୍ଡାଙ୍କ 'ଏତେ ସହଜରେ ମରେନାହିଁ ଗୋଟେ ସ୍ତ୍ରୀ' ଏବଂ ଯଶୋଧାରା ମିଶ୍ରଙ୍କ 'ବୟସର ବେଡ଼ି'।

**ଚଳନ୍ତିକା**

ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: ଗୁରୁ କେଳୁଚରଣ ସମ୍ମାନ ଉତ୍ସବ, ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ, ସ୍ମୃତିରେ ବରେନ୍ଦ୍ରକୃଷ୍ଣ ଧଳ, ସ୍ମାରକୀ ବକ୍ତୃତାମାଳା, ବିଶ୍ୱ ର୍‍ୟାଙ୍କିଂରେ କିଟ୍, 'ମୂର୍ଚ୍ଛନା'ର ବାର୍ଷିକୋତ୍ସବ ଏବଂ କେଆର୍‌ପିଏଲ୍'ର ବନ୍ଧୁମିଳନ।

**ମନୋରଞ୍ଜନ**

ଏ ମାସରେ ମନୋରଞ୍ଜନ ପୃଷ୍ଠାରେ ରହିଛି: ଶ୍ରୀମାନ ସୁରଦାସ, ପ୍ରେମ୍ କୁମାର, ପ୍ରେମରେ ରଖିଚି ୧୦୦ରୁ ୧୦୦, ଆଲିଆଙ୍କ 'କଳଙ୍କ', ହେଲିକପ୍ଟର ଇଲା ଏବଂ ଆଉ ଏକ ଐତିହାସିକ ଚଳଚ୍ଚିତ୍ର 'ପାନିପତ'।

**ରାଶିଗଣନା ଓ ତିଥି-ବାର-ବେଳା**

ଅକ୍ଟୋବର ମାସର ରାଶିଫଳ ସାଙ୍ଗକୁ ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

**ଆମ ରୋଷେଇ**

ଏ ମାସର ରୋଷେଇ ପୃଷ୍ଠାରେ ଅଛି: ଢୋକ୍‌ଲା, ପୁରି, ମାଲପୁଆ, ସୁଖା ଚଣା ମସଲା, ସୁଜି ହାଲୱା ଏବଂ ଚରୁଅନ୍ନ।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ଅଧକପାଳି (ମାଇଗ୍ରେନ୍)

ଅଧକପାଳି ହେଉଛି ମୁଣ୍ଡବ୍ୟଥା ଜନିତ ସମସ୍ୟା; ଯେଉଁଥିରେ ବାରମ୍ବାର ମଧ୍ୟମ ବା ତୀବ୍ର ଯନ୍ତ୍ରଣା ସହ ମୁଣ୍ଡବ୍ୟଥା ହୋଇଥାଏ। ଏହା ସାଧାରଣ ମୁଣ୍ଡବିନ୍ଧାଠାରୁ ଭିନ୍ନ। ଅର୍ଥାତ୍ ଅଧକପାଳି ବା ମାଇଗ୍ରେନ୍‌ରେ ମୁଣ୍ଡର କେବଳ ଗୋଟିଏ ପାଖରେ ଯନ୍ତ୍ରଣା ହୋଇଥାଏ। ଫଳରେ ମୁଣ୍ଡର କେବଳ ଗୋଟିଏ ପାଖରେ ଧକ୍‌ଧକ୍ ହୋଇ ବିନ୍ଧା ଅନୁଭୂତ ହୋଇଥାଏ ଓ ଧୀରେଧୀରେ ଏହା ବେକ ଓ କାନ୍ଧରେ ମଧ୍ୟ ଯନ୍ତ୍ରଣା ସୃଷ୍ଟି କରିଥାଏ। ତେବେ ଆସନ୍ତୁ ଅଧକପାଳି ସମ୍ପର୍କରେ କିଛି କଥା ଜାଣିବା।

■■■